# ତଦନ୍ତ ପାଇଁ ଏତଲା ଦେଲେ ଡିଏଲ୍‌ଓ

## ନିର୍ମାଣ ଶ୍ରମିକ ବୀମା ରାଶି ହେରଫେର ମାମଲା

ରାୟଗଡ଼ା,୪।୮(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଶ୍ରମ କାର୍ଯ୍ୟାଳୟରେ ନିର୍ମାଣ ଶ୍ରମିକ ବୀମା ରାଶି ହେରଫେର ଘଟଣାରେ ହୋଇଥିବା ଅଭିଯୋଗକୁ ନେଇ ରାୟଗଡ଼ା ଥାନାରେ ମାମଲା ରୁଜୁ ହୋଇଛି । ବର୍ତ୍ତମାନର ଜିଲା ଶ୍ରମ ଅଧିକାରୀ ଗୋପାଳ ମଙ୍ଗରାଜ ଲିଖିତ ଭାବେ ରାୟଗଡ଼ା ଥାନାରେ ଏହି ଏତଲା ଦେବା ପରେ ରବିବାର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଏ ନେଇ ଜିଲା ଶ୍ରମ ଅଧିକାରୀ ଗୋପାଳ ମଙ୍ଗରାଜଙ୍କୁ ପଚାରିବାରୁ ଘଟଣା ତଦନ୍ତ ପରିସରଭୁକ୍ତ ରହିଛି । ତେଣୁ ଏ ନେଇ ସେ କୌଣସି ମତ ଦେଇପାରିବେ ନାହିଁ ବୋଲି କହିଛନ୍ତି । ଏହି ଘଟଣାରେ ଜୁନ ୨୬ରେ ତତ୍କାଳୀନ ଜିଲା ଶ୍ରମ ଅଧିକାରୀ ଯସ୍ମିନ ଶୁଭଦର୍ଶିନୀ ସାହୁଙ୍କୁ ରାଜ୍ୟ ସରକାର ନିଲମ୍ବିତ କରିଥିଲେ ।

ସୂଚନାଯୋଗ୍ୟ, ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ ଘଟିଲେ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ମାଣ ଶ୍ରମିକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ସହାୟତା ରାଶି ସୁବିଧା ରହିଛି । ଏଥିପାଇଁ ନିର୍ମାଣ ଶ୍ରମିକ ପଞ୍ଜୀକରଣ ସମୟରେ ନିର୍ମାଣ ଶ୍ରମିକ ହିତାଧିକାରୀ ନିଜର ନୋମିନି ନାମ ସହିତ କାର୍ଡ଼ ପାଇଁ ଅନଲାଇନରେ ଆବେଦନ କରିଥାନ୍ତି । ତେଣୁ ମୃତ୍ୟୁକାଳୀନ ସହାୟତା ବୀମା ରାଶି ପାଇଁ ନୋମିନି ଅନ୍‌ଲାଇନରେ ଆବେଦନ କରିବା ନିୟମାବଳୀ ରହିଛି । ନୋମିନି ଆବେଦନ ପରେ ଏହା ପ୍ରଥମେ କଲ୍ୟାଣ ସଂଯୋଜକଙ୍କ ନିକଟକୁ ଆସିଥାଏ । ସେ ଏହାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରି ଶ୍ରମ ଅଧିକାରୀଙ୍କୁ ପଠାଇଥାନ୍ତି । ଏହାପରେ ଶ୍ରମ ଅଧିକାରୀ ଏହାର ଯାଞ୍ଚ କରି ସହକାରୀ ଶ୍ରମ ଅଧିକାରୀଙ୍କୁ ଯାଞ୍ଚ ପାଇ ଦେଇଥାନ୍ତି । ସମସ୍ତ ଯାଞ୍ଚ ପ୍ରକ୍ରିୟା ପରେ ଏହା ଅନୁମୋଦନ ପାଇଁ ଜିଲାପାଳଙ୍କ ନିକଟକୁ ଯାଇଥାଏ । ତେବେ ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ, ତତ୍କାଳୀନ ଜିଲାପାଳ ଠିକ୍ ଭାବେ ଯାଞ୍ଚ ନ କରି କିଭଳି ଅନୁମୋଦନ ଦେଇଥିଲେ । ତେଣୁ ଏହି ଅର୍ଥ ବାଟମାରଣା ଘଟଣାରେ ସମ୍ପୃକ୍ତ ରହିଥିବା ସମସ୍ତ ଯାଞ୍ଚ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯିବ ନାହିଁ ବୋଲି ନିର୍ମାଣ ଶ୍ରମିକ ସଂଘ ପ୍ରଶ୍ନ କରିଛି । ପୋଲିସ ତଦନ୍ତ ପରେ ଏହି ଅର୍ଥ ବାଟମାରଣା ଘଟଣାରେ ଜିଲା ଶ୍ରମ ଅଧିକାରୀଙ୍କ ସମେତ ଅନ୍ୟ କେଉଁମାନେ ସାମିଲ ଥିଲେ ଜଣାପଡ଼ିବ ବୋଲି ଆଲୋଚନା ହେଉଛି ।



ରାୟଗଡ଼ା ଟ୍ୟାଲେଣ୍ଟ ଆୱାର୍ଡ-୨୦୨୪ରେ ରବିବାର ଜଣେ କଳାକାର କଣ୍ଠଦାନ କରୁଛନ୍ତି ।

# ବ୍ରାହ୍ମଣ ସମାଜ ବନ୍ଧୁ ମିଳନ

ଗୁଡାରି, ୪।୮ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡାରି ବ୍ରାହ୍ମଣ ସମାଜର ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ସ୍ଥାନୀୟ ପାଠୀ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ସ୍ଥାନୀୟ ଅଞ୍ଚଳରେ ବ୍ରାହ୍ମଣମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା। ନିଜ ନିଜ ଭିତରେ କୌଣସି ଅସୁବିଧା ହେଲେ ସାମୁହିକ ସାହାଯ୍ୟ କରିବା ନିମନ୍ତେ ବୈଠକରେ ସ୍ଥିର ହୋଇଥିଲା । ଏହାବ୍ୟତୀତ ଆର୍ଥିକ ପରିସ୍ଥିତି ଖରାପ ଥିବା ପରିବାରଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ବିବାହ କାର୍ଯ୍ୟରେ ସହଯୋଗ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ନିୟମିତ ବ୍ୟବଧାନରେ ବୈଠକ କରିବା ପାଇଁ ଉପସ୍ଥିତ କର୍ମକର୍ତ୍ତା କହିଥିଲେ। ଗୌରୀ ଶଙ୍କର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଭାକର ରଥ, ଉଦ୍ଧବ ମହାପାତ୍ର, ଭାସ୍କର ନନ୍ଦ, ଗଣପତି ପାଠୀ, ବିଜୟ ପାଣିଗ୍ରାହୀ, ପ୍ରଦୀପ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ।



# ମେଗା ଜଳଯୋଗାଣ ପ୍ରକଳ୍ପ କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ



ଉପଜିଲାପାଳ ରାଉଳିଘାଟିଠାରେ ନିର୍ମାଣାଧୀନ ପାନୀୟ ଜଳଯୋଗାଣ ପ୍ରକଳ୍ପ ବୁଲି ଦେଖୁଛନ୍ତି ।

## ଉପଜିଲାପାଳଙ୍କ କାଶୀପୁର ବ୍ଲକ୍ ରାଉଳିଘାଟି ଗସ୍ତ

ରାୟଗଡ଼ା,୪।୮(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କାଶୀପୁର ବ୍ଲକ ରାଉଳିଘାଟିଠାରେ ନିର୍ମାଣାଧୀନ ବୃହତ ପାନୀୟ ଜଳଯୋଗାଣ ପ୍ରକଳ୍ପକୁ ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ରବିବାର ପରିଦର୍ଶନ କରିଛନ୍ତି । ଅଯଥା ବିଳମ୍ବ ନ କରି ଏହି କାର୍ଯ୍ୟକୁ ଯଥାଶୀଘ୍ର ସାରିବାକୁ ସମ୍ପୃକ୍ତ ଠିକା ସଂସ୍ଥାକୁ କଡା ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଡଙ୍ଗାସିଲ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀନିବାସର ପାଚେରୀ ନିର୍ମାଣ କାମ ସପ୍ତାହେ ମଧ୍ୟରେ ସାରିବାକୁ ଆଇଟିଡିଏ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଉକ୍ତ ବିଦ୍ୟାଳୟ ପରିସରରେ ବିଶେଷକରି ପ୍ରଧାନ ଶିକ୍ଷୟିତ୍ରୀଙ୍କ ପ୍ରକୋଷ୍ଠରେ ଥିବା ଶୌଚାଳୟର ପରିମଳ ବ୍ୟବସ୍ଥା ସୁଧାରିବାକୁ ତାଗିଦ କରିଛନ୍ତି ଉପ ଜିଲାପାଳ ତଥା ଆଇଟିଡିଏର ଭାରପ୍ରାପ୍ତ ପ୍ରକଳ୍ପ ପ୍ରଶାସିକା କଲ୍ୟାଣୀ ସଙ୍ଘମିତ୍ରା । ଡଙ୍ଗାସିଲ ସାପ୍ତାହିକ ହାଟରେ ଜବରଦଖଲକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସେ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କାଶୀପୁର ତହସିଲ ଅନ୍ତର୍ଗତ କେତେକ ସରକାରୀ ପ୍ରକଳ୍ପ ପାଇଁ ଅନ୍ୟ ସ୍ଥାନ ମଧ୍ୟ ବୁଲି ଦେଖିଛନ୍ତି। ତାଙ୍କର ଏହି ଗସ୍ତ ସମୟରେ କାଶୀପୁର ତହସିଲଦାର ସୁନୀଲ କୁମାର ପ୍ରଧାନ, ମାଇକଞ୍ଚ ରାଜସ୍ୱ ନିରୀକ୍ଷକ ରାମଦାସ ପେଦେନ୍ତି ଏବଂ କାଶୀପୁର ରାଜସ୍ୱ ନିରୀକ୍ଷକ କେଶବ ସାହୁ ଉପସ୍ଥିତ ଥିଲେ ।

# ବିବାଦରେ ଛନ୍ଦି ହୋଇ ଛୁଟିରେ ଗଲେ ଡିଆଇଇଟି ଅଧ୍ୟକ୍ଷ

## ଛାତ୍ରୀଛାତ୍ରଙ୍କୁ ନିର୍ଯାତନା ଅଭିଯୋଗ

ବିଷମ କଟକ, ୪।୮(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ମହକୁମାସ୍ଥିତ ଜିଲା ଶିକ୍ଷକ ତାଲିମ ଅନୁଷ୍ଠାନ (ଡିଆଇଇଟି) ଅଧ୍ୟକ୍ଷ ଛାତ୍ରୀଛାତ୍ରଙ୍କୁ ନିର୍ଯାତନା ଦେଇଥିବା ଅଭିଯୋଗ ପରେ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଗୁଣପୁର ଉପଜିଲାପାଳ କିରନଦିପ କୌର ସହତାଙ୍କ ନେତୃତ୍ୱରେ ଏକ ୪ ଜଣିଆ ଟିମ ବିଦ୍ୟାଳୟରେ ପହଞ୍ଚି ଅଭିଯୋଗ କରିଥିବା ଛାତ୍ରୀଛାତ୍ର, ଅନୁଷ୍ଠାନ ଅଧ୍ୟକ୍ଷ ଏବଂ ଅନ୍ୟ କର୍ମଚାରୀଙ୍କୁ ବ୍ୟକ୍ତିଗତ ଭାବେ ପ୍ରାୟ ୧୦ ଘଣ୍ଟା ଧରି ପଚରାଉଚାର କରି ଫେରିଥିଲେ। ଏହି ତଦନ୍ତ ରିପୋର୍ଟ ବର୍ତ୍ତମାନ ସୁଦ୍ଧା ଦାଖଲ ହୋଇ ନ ଥିବା ବେଳେ ଶନିବାର ଅନୁଷ୍ଠାନର ଅଧ୍ୟକ୍ଷ ସରତ ଚନ୍ଦ୍ର ସେଠ୍ ଛୁଟିରେ ଯାଇଛନ୍ତି। ଛାତ୍ରୀଛାତ୍ରଙ୍କ ପ୍ରଥମ ବର୍ଷ ବୋର୍ଡ ପରୀକ୍ଷା ଲାଗି ଫର୍ମ ପଞ୍ଜିକରଣ ଗତ ୧ତାରିଖରୁ ଅନଲାଇନ ଯୋଗେ ଆରମ୍ଭ ହୋଇଛି। ସେଥିରେ ଯେପରି ଅସୁବିଧା ନ ହୁଏ ସେଥିପାଇଁ ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ଜଗନ୍ନାଥ ମେହେରଙ୍କୁ ବିଭାଗ ତରଫ ରୁ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ୧୨ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ଶେଷ ତାରିଖ ଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ବିଦ୍ୟାଳୟର କୌଣସି ଜଣେ ବି ଛାତ୍ରୀଛାତ୍ର ପଞ୍ଜୀକରଣ କରିନାହାଁନ୍ତି। ବିଦ୍ୟାଳୟ ଅଧ୍ୟକ୍ଷଙ୍କ ବିରୋଧରେ ଆସିଥିବା ଅଭିଯୋଗର ସ୍ଥାୟୀ ସମାଧାନ ନ ହେବା ଯାଏଁ ଛାତ୍ରୀଛାତ୍ର ଫର୍ମ ପଞ୍ଜୀକରଣ ନ କରିବାକୁ ଅଡି ବସିଛନ୍ତି। ସେପଟେ ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶା ନିର୍ଦ୍ଦେଶାବଳି ଅନୁଯାୟୀ ୮୦%ରୁ ଅଧିକ ଉପସ୍ଥାନ ରହିଥିବା ଛାତ୍ରୀଛାତ୍ର ବୋର୍ଡ ପରୀକ୍ଷା ପାଇଁ ଫର୍ମ ପଞ୍ଜୀକରଣ କରିପାରିବେ। ଏହି ନିର୍ଦ୍ଦେଶାବଳୀ ଆଧାରରେ ବିଦ୍ୟାଳୟର ମାତ୍ର ୧୫ଜଣ ଛାତ୍ରୀଛାତ୍ର ବୋର୍ଡ ପରୀକ୍ଷା ଫର୍ମ ପଞ୍ଜୀକରଣ ନିମନ୍ତେ ଯୋଗ୍ୟ ବିବେଚିତ ହେଉଛନ୍ତି । ବଳକା ଛାତ୍ରୀଛାତ୍ରଙ୍କୁ କେଉଁ ଆଧାରରେ ଫର୍ମ ପଞ୍ଜୀକରଣ କରାଯିବା ସେ ନେଇ ଚିନ୍ତାବ୍ୟକ୍ତି କରିଛନ୍ତି ନୂତନ ଭାବେ ଅଧ୍ୟକ୍ଷ ଦାୟିତ୍ୱ ନେଇଥିବା ବରିଷ୍ଠ ଶିକ୍ଷକ ଜଗନ୍ନାଥ ମେହେର । ୨୪ଜଣ ଛାତ୍ରୀଛାତ୍ର ୭୦ ରୁ ୮୦% ମଧ୍ୟରେ ଉପସ୍ଥାନ ରହିଥିବା ବେଳେ ବଳକା ୩୪ ଜଣ ଛାତ୍ରୀଛାତ୍ରଙ୍କ ୭୦ %ରୁ କମ ଉପସ୍ଥାନ ରହିଛି । ଉପସ୍ଥାନ କମ୍ ଥିବା ଛାତ୍ରୀଛାତ୍ର କିପରି ବୋର୍ଡ ପରୀକ୍ଷା ନିମନ୍ତେ ଫର୍ମ ପଞ୍ଜୀକରଣ କରିବେ ସେ ନେଇ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ଅଧ୍ୟକ୍ଷ ମେହେର ସୂଚନା ଦେଇଛନ୍ତି।

# ଗୁମୁଡ଼ାରେ ନୂତନ ଷ୍ଟେଟ୍ ବ୍ୟାଙ୍କ ଶାଖା ଉଦ୍‌ଘାଟିତ

ରାୟଗଡା, ୪।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ଗୁମୁଡ଼ାରେ ଶୁକ୍ରବାର ଭାରତୀୟ ଷ୍ଟେଟ ବ୍ୟାଙ୍କର ନୂତନ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଷ୍ଟେଟ ବ୍ୟାଙ୍କର ଭୁବନେଶ୍ୱର ସର୍କଲ ମୁଖ୍ୟ ଜେନେରାଲ ମ୍ୟାନେଜର ଦିନେଶ ପୃଥ୍ୱୀ ଫିତାକାଟି ଷ୍ଟେଟ ବ୍ୟାଙ୍କର ନୂତନ ଶାଖା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସର୍କଲ କ୍ରେଡିଟ ଅଫିସର ବିଜୟ କୁମାର, ରାୟଗଡ଼ା ରିଜିଓନାଲ ମ୍ୟାନେଜର ସୋନଦୀପ କୁମାର ଚୌବେ, ଗୁମୁଡା ଶାଖା ପରିଚାଳକ ଉତ୍କଳ କେଶରୀ ମହାପାତ୍ର, ଗୁମୁଡ଼ା ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଏଂ ଜନପ୍ରତିନିଧି ଉପସ୍ଥିତ ଥିଲେ। ଏହି ଶାଖା ଖୋଲାଯିବା ଦ୍ୱାରା ଏହି ଅଞ୍ଚଳର ଜନସାଧାରଣ ଏବଂ ଚାଷୀଙ୍କ ନିମନ୍ତେ ବ୍ୟାଙ୍କିଙ୍ଗ ସୁବିଧା ଉପଲବ୍ଧ ହୋଇପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।



ରାମନାଗୁଡ଼ା ବ୍ଲକ ଗୁମୁଡ଼ାରେ ଷ୍ଟେଟ୍ ବ୍ୟାଙ୍କର ନୂଆ ଶାଖା ଉଦ୍‌ଘାଟନ କରାଯାଉଛି ।

# କାମରେ ଆସୁନି ସାମୂହିକ ଶୌଚାଳୟ, ପରିମଳ ବିପର୍ଯ୍ୟସ୍ତ

ପଦ୍ମପୁର, ୪।୮ (ପ୍ରଶାନ୍ତ କୁମାର କର)

ପଦ୍ମପୁର ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଲକ୍ଷାଧିକ ଟଙ୍କା ବ୍ୟୟରେ କରାଯାଇଛି ସାମୂହିକ ଶୌଚାଳୟ। କିନ୍ତୁ ଏହା ଲୋକଙ୍କ କାମରେ ଆସୁନି। ଉକ୍ତ ଜାଗା ସବୁ ଅନାବନା ଗଛରେ ପରିପୂର୍ଣ୍ଣ ହୋଇ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଶୌଚାଳୟରେ ପାଣି ବ୍ୟବସ୍ଥା ନାହିଁ। ଫଳରେ ବିଭିନ୍ନ ଗ୍ରାମରେ ଗାଁ ମୁଣ୍ଡ ଓ ପୋଖରୀ ହୁଡ଼ା ଲୋକଙ୍କ ମୁକ୍ତାକାଶ ପାଇଖାନା ପାଲଟିଥିବା ଦେଖିବାକୁ ମିଳିଛି।

୨୦୧୮ରେ ଆରମ୍ଭ ହୋଇଥିଲା ସ୍ୱଚ୍ଛ ଭାରତ ଅଭିଯାନ। ସବୁ ଅଞ୍ଚଳକୁ ବାହ୍ୟ ମଳମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିବାକୁ ଗ୍ରାମାଞ୍ଚଳରେ ଶୌଚାଳୟ ନିର୍ମାଣ କରିବାକୁ ପ୍ରଶାସନ ପକ୍ଷରୁ ବ୍ୟାପକ ଅନୁଦାନ ଯୋଗାଇ ଦିଆଯାଇଥିଲା। ହେଲେ ଶୌଚାଳୟ କିପରି ଭାବରେ ନିର୍ମାଣ ହୋଇଛି, ସେଥିରେ ଜଳର ସୁବିଧା ଅଛି କି ନାହିଁ, ତାହା ତଦାରଖ କରା ନ ଯିବାରୁ ଅଧିକାଂଶ ପାଇଖାନା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଅନ୍ୟପକ୍ଷରେ ସଚେତନତା ଅଭାବରୁ ବହୁପଦର, ଲାଉଗୁଡା, ଜୁମୁରୁଗୁଡା, ଜଗମଣ୍ଡା, ଖମାପଦର, ବିରିପଦର, ମରିଗୁଡା, କେନ୍ଦୁଗୁଡା ଭଳି ଅନେକ ଗ୍ରାମରେ ଲୋକେ ଖୋଲା ସ୍ଥାନ, ପଡ଼ିଆ, ପୋଖରୀ ହୁଡ଼ା ଓ ବିଲରେ ମଳତ୍ୟାଗ କରୁଛନ୍ତି। ଲୋକେ ପୋଖରୀ ହୁଡ଼ା ନିକଟରେ ମଳତ୍ୟାଗ କଲେ ତାହା ବର୍ଷା ଜଳରେ ଭାସି ଆସି ପୋଖରୀରେ ମିଶି ଦୂଷିତ ହେଉଛି। ଗ୍ରାମବାସୀ ପୋଖରୀରେ ଗାଧୋଇବା ଓ ଉକ୍ତ ପାଣି ବ୍ୟବହାର କରିବା ଦ୍ୱାରା ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ଗ୍ରାମାଞ୍ଚଳରେ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବାକୁ ସାଧାରଣର ଦାବି ହେଉଛି।



# ବସ୍ ଧକ୍କାରେ ଜଣେ ମୃତ

ମାଲକାନଗିରି, ୪।୮(ଦୁର୍ଯ୍ୟୋଧନ ପାତ୍ର)

ମାଥିଲିରୁ ମାଲକାନଗିରି ଯାଉଥିବା ଘରୋଇ ବସ୍ ମହାବାହୁ (ନଂ. ଓଡି ୧୦ଟି ୪୭୨୭) ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ମାଥିଲିରେ ଏକ କୋରିଅର ସଂସ୍ଥାରେ କାର୍ଯ୍ୟ କରୁଥିଲେ । ମୃତକ ହେଲେ ମାଥିଲି ବ୍ଲକ ସାରଙ୍ଗପାଲି ଗ୍ରାମର ଶିବ ବାରିକ। ପାଙ୍ଗମ ଅଞ୍ଚଳରୁ ଶିବ କାମସାରି ମାଥିଲି ଫେରୁଥିବା ବେଳେ ଗୋଟିଏ ଟ୍ରକକୁ ଅତିକ୍ରମ କରିବା ପରେ ବସ୍ ସହିତ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ନିକଟସ୍ଥ ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାରୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଥାଲାସେମିଆ ରୋଗୀଙ୍କ ପାଇଁ ମେଗା ରକ୍ତଦାନ ଶିବିର

ଗୁଣୁପୁର, ୪।୮(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ଟାଉନ ହଲରେ ଜାତୀୟ ଥାଲାସେମିଆ ଫୋରମ ଓ ସ୍ଥାନୀୟ ଯୋଗାଣ ବିଭାଗ ପକ୍ଷରୁ ଏକ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୁଣପୁର ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଶିବିରରୁ ମୋଟ ୨୦୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।

ସମ୍ମାନିତ ଅତିଥି ଭାବେ ଗୁଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଝିଲି ଶବର, ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ସୁଦର୍ଶନ ଶବର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳି ପ୍ରଧାନ, ରେଡକ୍ରସ ନିର୍ଦ୍ଦେଶକ ଚନ୍ଦ୍ରିକା ପ୍ରସାଦ ଦାସ, ଜାତୀୟ ଥାଲାସେମିଆ ଫୋରମର ସଭାପତି ପତିତ ପାବନ ସାହାଣୀ ପ୍ରମୁଖ ମଞ୍ଚାସିନ ରହି ଏଭଳି ସେବା କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଶିବିରରେ କଟକ ରେଡକ୍ରସ ସୋସାଇଟି ଡାକ୍ତର ଚନ୍ଦ୍ରିକା ପ୍ରସାଦ ଦାସ ଏବଂ ଗୁଣପୁର ରକ୍ତ ଭଣ୍ଡାର ଡାକ୍ତର ସୁଜାତା ଦେବୀଙ୍କ ନେତୃତରେ ରକ୍ତ ସଂଗ୍ରହ କରାଯାଇଥିଲା । ଜିଆଇଇଟି ବଶ୍ୱିବିଦ୍ୟାଳୟର ଉପ ସଭାପତି ଡ ଚନ୍ଦ୍ରଧ୍ୱଜ ପଣ୍ଡା, ରେଜିଷ୍ଟ୍ରାର ଡ ଏନଭିଜେ ରାଓ, ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ର, ଯୋଗାଣ ନିରୀକ୍ଷକ ରୀତା ବେହେରା, ସୁପ୍ରୀୟ ସମ୍ପିତ, ନିର୍ମଳା ଘୋଷ, ନିବେଦିତା, ପ୍ରଭାକର ମଲ୍ଲିକ, ସିପ୍ରା ସାମଲ, ମାନସ ଜେନା, ଦେବୋଦତ୍ତ ଲେଙ୍କା, ପ୍ରଦୀପ ନାଲା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଅନନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ରହି ରକ୍ତଦାତଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ଜିଆଇଇଟି ବିଶ୍ୱବିଦ୍ୟାଳୟ, ଭାରତୀୟ ସଂରକ୍ଷିତ ବାହିନୀ, ମିଲର୍ସ ସଂଘ, ଦିବ୍ୟ ଦର୍ଶନ ସଂଘ , ଉପଜିଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀ, ଯୋଗାଣ ବିଭାଗ କର୍ମଚାରୀଙ୍କ ସମେତ ସହରର ବହୁ ଜନସାଧାରଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଥେଲାସେମିୟା ଫୋରମର ସମ୍ପାଦକ ନାରାୟଣ ଜେନା, ଶିବ ମହାପାତ୍ର, ସୁରୁଚି ରାଣୀ ପାତ୍ର, ରୋଜି ନାୟକ, ଅବିନାଶ ଦାସ, ଉପଖଣ୍ଡ ଚିକିତ୍ସାଳୟ କର୍ମଚାରୀ, ଯୋଗାଣ ବିଭାଗ କର୍ମଚାରୀ ଉପସ୍ଥିତ ରହି ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ ।



ଜଣେ ରକ୍ତଦାନ କରୁଛନ୍ତି, ନିକଟରେ ଉପସ୍ଥିତ ଅତିଥି ।

# ଗୁଣପୁର ଅଞ୍ଚଳର ବିକାଶ ପାଇଁ ଦାବିପତ୍ର

## ବିଭିନ୍ନ ସଂଗଠନ ପକ୍ଷରୁ ଭାଜପା ରାଜ୍ୟ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଗୁଣପୁର,୪।୮(ପ୍ରଦୀପ କୁମାର ପାଢ଼ୀ)

ରାଜ୍ୟ ଭାଜପାର ସଭାପତି ମନମୋହନ ସାମଲଙ୍କୁ ରବିବାର ଗୁଣପୁରଠାରେ ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଏହି ଅବସରରେ ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳାଠାରେ ଗୁଣପୁର ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଏହି ସମୟରେ ରାଜ୍ୟ ସଂଗଠନ ସମ୍ପାଦକ ମାନସ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ ।

ଭାଜପା ସଭାପତି ସାମଲ ରବିବାର ସକାଳେ ପାରଳାଖେମୁଣ୍ଡି ଯିବା ସମୟରେ ଗୁଣପୁରଠାରେ ଅବସରପ୍ରାପ୍ତ ଶିକ୍ଷକ ନିଳମାଧବ ପାଢୀ, ରାମଚନ୍ଦ୍ର ପଟ୍ଟନାୟକ, ରାଜେନ୍ଦ୍ର ନାୟକ, ମିଲର୍ସ ସଂଘ ସଭାପତି ଲାଡି ଶ୍ରୀଧର ଏବଂ ଅନ୍ୟ ମିଲର୍ସମାନେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ। ରାଜ୍ୟରେ ଭାଜପା ସରକାରକୁ ଆସିବା ପରେ ନିରବ ରହିଥିବା ଅନେକ ନେତା ଏବଂ କର୍ମୀମାନେ ଏହି ସ୍ୱାଗତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଏଥି ସହ ଅନେକ ନୂଆ ମୁହଁଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ଦେଖାଦେଇଥିଲେ। ନବ ନିର୍ମାଣ ସମିତିର ଅଧ୍ୟକ୍ଷ ଅକ୍ଷୟ ଦାସଙ୍କ ନେତୃତ୍ୱରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଗୁଣପୁର-ଥେରୁବାଲି ରେଳପଥକୁ ତ୍ୱରାନ୍ୱିତ କରିବା,ପଲାସା ଭବାନୀପାଟଣା ରାଜ୍ୟ ରାଜପଥକୁ ଜାତୀୟ ରାଜପଥର ମାନ୍ୟତା ଦେଇ ଗୁଣପୁର ଦେଇ ବାଇପାସ୍ କରିବା, ଗୁଣପୁରଠାରେ ମେଡିକାଲ କଲେଜ ନିର୍ମାଣ, ଗୁଣପୁରରେ ଏମ୍ସର ସେଟଲାଇନ ସେଣ୍ଟର, ଉକୁମ୍ବା ଏୟାରଷ୍ଟ୍ରିପର ପୁନଃରୁଦ୍ଧାର କରି ନିର୍ମାଣ କରିବା, ଗୁଣପୁର କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାୟୀ କୋଠା ନିର୍ମାଣ, ଏକଲବବ୍ୟ ଆଦର୍ଶ ବିଦ୍ୟାଳୟ ବିଭିନ୍ନ ସମସ୍ୟାର ସମାଧାନ ଏବଂ ଗୁଣପୁରଠାରେ ନବୋଦୟ ବିଦ୍ୟାଳୟ ସ୍ଥାପନ ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ଉମା ଶଙ୍କର ଦାସ, ସଂପମ୍ପାଦକ ରଞ୍ଜିତ ପାଢୀ, ରାଜେଶ ପାଢୀ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଭାଜପାର ଜିଲା ସଭାପତି ଶିବ ପଟ୍ଟନାୟକ, ଉପ ସଭାପତି ଉଦୟ ପାଢୀ, ନଗର ସଭାପତି ବଦ୍ରି ମହାନ୍ତି, ବରିଷ୍ଠ ନେତା ୱାଇ.ଗଣପତି, ପ୍ରମୋଦ ସାହୁ, ମୁଖି ଦିବାକର, ଟିଙ୍କୁ ପଣ୍ଡା, ଗୋପାଳ ଦେଓ ପାତ୍ର, ଇନ୍ଦ୍ରାକ୍ଷୀ ଦାସ, ହେମକାନ୍ତ ମହାପାତ୍ର, ଈଶ୍ୱର ଗମାଙ୍ଗ, ବାପି ପଣ୍ଡା, ଶ୍ରୀନିବାସ ସ୍ୱାଇଁ, ଜି.ଗୋବିନ୍ଦା ରାଓ, ଗୋପାଳ ଦେଓପାତ୍ରଙ୍କ ସମେତ ବହୁ ନେତା ଏବଂ କର୍ମୀ ଉପସ୍ଥିତ ରହିଥିଲେ।



ନବ ନିର୍ମାଣ ସମିତି ପକ୍ଷରୁ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ୩୦୦ ଭୂମିହୀନ ପରିବାରକୁ ମିଳିନି ପଟ୍ଟା, ପକ୍କାଘର

**ନବରଙ୍ଗପୁର, ୪।୮ (ସଦାଶିବ ପ୍ରହରାଜ)**

ସହରାଞ୍ଚଳରେ ବସ୍ତିରେ ରହୁଥିବା ଗରିବ ପରିବାରକୁ ଜମି ପଟ୍ଟା ଓ ଆବାସ ଗୃହ ଯୋଗାଇବା ପାଇଁ ବିଜେଡି ସରକାର ଆରମ୍ଭ କରିଥିଲେ 'ଜାଗା ମିଶନ'। ହେଲେ ନବରଙ୍ଗପୁର ସହରରେ ଜାଗା ମିଶନ ଫେଲ୍ ମାରିଥିବା ଅଭିଯୋଗ ହୋଇଛି। ନବରଙ୍ଗପୁର ସହରର ୨୭ ବସ୍ତିରୁ ସରକାରୀ ଜାଗାରେ ରହିଥିବା ୧୫ଟି ବସ୍ତିର ୧୧୪୬ ପରିବାରକୁ ଜାଗା ମିଶନରେ ଜମି ପଟ୍ଟା ପ୍ରଦାନ ପାଇଁ ଯୋଗ୍ୟ ହୋଇଥିଲେ । ୧୦୮୬ ପରିବାରକୁ ଜମି ପଟ୍ଟା ଦିଆଯାଇଥିବା ବେଳେ ସେଥି ମଧ୍ୟରୁ ୬୦ ପରିବାର ଜମି ପଟ୍ଟା ନେଇପାରିନାହାନ୍ତି। ସରକାରୀ ଜାଗାରେ ରହୁଥିବା ପ୍ରାୟ ୩୦୦ ପରିବାର ଜାଗା ମିଶନରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି। ସେଥିମଧ୍ୟରୁ ୨୭ ପରିବାର ରହିଛନ୍ତି ଦଶରାପଦା ଅଞ୍ଚଳରେ ଓ ୪୦ ପରିବାର ସିତାରାମ ସାହିରେ ରହୁଛନ୍ତି ।

ସର୍ଭେ କରି ଜାଗା ମିଶନରେ ଅନ୍ତର୍ଭୁକ୍ତ କରିବା ପାଇଁ ୨୦୨୨ରେ ରାଜ୍ୟ ଜାଗା ମିଶନ ପକ୍ଷରୁ ଏକ ଚିଠି ପୌର ପରିଷଦକୁ ଆସିଥିଲା। ପୌର ପରିଷଦ ପକ୍ଷରୁ ବି ସର୍ଭେ ହେବା ସମୟରେ ସେହି ଜାଗାରେ ପାଣି ଜମି ରହିଥିବାରୁ ପୁନଃ ଉଷା ସର୍ଭେ କରାଯାଇ ସେମାନଙ୍କୁ ଜାଗା ମିଶନରେ ଜମି ପଟ୍ଟା ଦେବା ପାଇଁ ଡିସେମ୍ବର ୨୦୨୨ରେ ଜାଗା ମିଶନ ନିର୍ଦ୍ଦେଶକଙ୍କ ନିକଟରୁ ପୌର ପରିଷଦ ପକ୍ଷରୁ ଚିଠି କରାଯାଇଥିଲା । ଏହି ଚିଠି ସହିତ ପରିବାରର ତାଲିକା ବି ଦିଆଯାଇଥିଲା। ଚିଠି କରାଯିବାର ଦେଢ଼ ବର୍ଷ ବିତି ଗଲାଣି। ହେଲେ ଏହି ପରିବାରଙ୍କୁ ଆଜିଯାଏଁ ମିଳିପାରୁନି ଜମି ପଟ୍ଟା ଓ ପ୍ରଧାନମନ୍ତ୍ରୀ ଆବାସ ଗୃହ। ଏବେ ଏହି ସବୁ ପରିବାର ଅତି ଦୟନୀୟ ଅବସ୍ଥାରେ ଚିରା ପଲିଥିନ, ଭଙ୍ଗା କୁଡ଼ିଆ ଘରେ ଜୀବନ ବିତାଉଛନ୍ତି। ବର୍ଷା ହେଲେ ବାହାର ରାସ୍ତାର ପାଣି ଘରେ ପଶୁଛି। ରାସ୍ତାକଡରେ ଗାଧୋଇବା, ଶୌଚ ହେବା ଓ ବାସନ ମାଜିବା ଭଳି କାର୍ଯ୍ୟ କରିବାକୁ ବାଧ ହେଉଛନ୍ତି । ନିକଟରେ ୭ ଲକ୍ଷ ବ୍ୟୟରେ ଶୌଚାଳୟ ନିର୍ମାଣ କରାଯାଇଛି, ହେଲେ ତାହା କାର୍ଯ୍ୟରେ ଲାଗୁନାହିଁ । ପାଣି, ବିଜୁଳି କିଛି ନାହିଁ । ଭୂମିହୀନଙ୍କୁ ପଟ୍ଟା ପ୍ରଦାନ ସହ ଆବାସ ଯୋଗାଇ ଦେବାକୁ ସାହିର ଜନକା ହରିଜନ, ମୀନା ହରିଜନ ଓ ଗୁରୁବାରୀ ହରିଜନ କହିଛନ୍ତି । ସାହିର ସମସ୍ୟା ସମ୍ପର୍କରେ ପୌର ସଂସ୍ଥାକୁ ଯାଇ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ଆମ କଥା କେହି ଶୁଣୁନାହାନ୍ତି ବୋଲି କହିଛନ୍ତି ସାହିବାସିନ୍ଦା । ଅନ୍ୟପକ୍ଷରେ ନିଜସ୍ୱ ଘର ବା ଜମି ପଟ୍ଟା ନ ଥିବାରୁ ବସବାସ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଛନ୍ତି । ଏହାଦ୍ୱାରା ପିଲାଙ୍କ ପାଠପଢ଼ା ଓ ଅନ୍ୟାନ୍ୟ ସରକାରୀ ସୁବିଧାରୁ ଆମେ ବଞ୍ଚିତ ହେଉଥିବା ବସ୍ତିବସିନ୍ଦା ଅଭିଯୋଗ କରିଛନ୍ତି । କେବଳ ସରକାରୀ ଜାଗା ନୁହେଁ ଘରୋଇ ଜମି, ପୋଖରୀ ହିଡ ଓ ରାସ୍ତା ଉପରେ ରହିଥିବା ୧୨ଟି ବସ୍ତିର ପ୍ରାୟ ୪୦୧ ପରିବାରକୁ ଜାଗା ମିଶନରେ ଜମି ପଟ୍ଟା ଦିଆଯାଇପାରି ନାହିଁ। ଫଳରେ ଉକ୍ତ ପରିବାରମାନେ ଜମି ପଟ୍ଟା ଓ ଅନ୍ୟାନ୍ୟ ସରକାରୀ ସୁବିଧାରୁ ବଞ୍ଚିତ ହୋଇ ରହିଥିବା ଅଭିଯୋଗ ହୋଇଛି। ପୌର ସଂସ୍ଥା କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ୭୦ ପରିବାରଙ୍କ ସର୍ଭେ ସରିଛି। ଅନ୍ୟ ପରିବାରର ସର୍ଭେ ଚାଲୁ ରହିଛି। ସର୍ଭେ ହୋଇଥିବା ରିପୋର୍ଟ ରାଜ୍ୟ କାର୍ଯ୍ୟାଳୟକୁ ପଠାଯିବ। ଅନୁମତି ଆସିବା ପରେ ସରକାରଙ୍କ ନିୟମାବଳୀ ଅନୁଯାୟୀ ଜାଗା ମିଶନରେ ଅନ୍ତର୍ଭୁକ୍ତ କରାଯିବ ବୋଲି ଜଣାପଡ଼ିଛି ।



ଆରଏମସି ଯିବା ରାସ୍ତା ସୀତାରମ ସାହି ଓ ଶୌଚାଳୟ।

- ନବରଙ୍ଗପୁର ସହରରେ ଫେଲ୍ ମାରିଛି ଜାଗା ମିଶନ
- ଭଙ୍ଗା କୁଡିଆରେ ବିତୁଛି ଜୀବନ
- ବସବାସ ପ୍ରମାଣପତ୍ରରୁ ବଞ୍ଚିତ ଲୋକେ

# ଉଆଁସ ପର୍ବ ପାଳିଲେ ଚାଷୀ


ଆଦିବାସୀମାନେ ଜମିରେ ପିଠାପଣା କରି ଭୋଗ ଲଗାଉଛନ୍ତି।

**ଡାବୁଗାଁ, ୪।୮ (ପ୍ରଜ୍ଞାରଞ୍ଜନ ପରିଡା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ଚାଷୀମାନଙ୍କ କୃଷିଭିତ୍ତିକ ପର୍ବ ଉଆଁସ ପର୍ବ ବେଶ୍ ଉତ୍ସାହର ସହ ରବିବାର ପାଳିତ ହୋଇଯାଇଛି। ଏହି ପର୍ବ ପ୍ରତିବର୍ଷ ଶ୍ରାବଣ ମାସର ଅମାବାସ୍ୟା ଦିନ ପାଳନ ହୋଇଥାଏ। ଯେହେତୁ ଏହି ପର୍ବ ଅମାବାସ୍ୟା ଦିନ ପାଳନ ହୋଇଥାଏ, ତେଣୁ ଆଦିବାସୀ ଭାଷାରେ ଉକ୍ତ ପର୍ବର ନାମ ରହିଛି ଉଆଁସ ପର୍ବ । ସକାଳୁ ଚାଷୀମାନେ ଉଠି ନିତ୍ୟକର୍ମ ସାରି ହାତରେ କଞ୍ଚା କ୍ଷୀର, ଦେଓ ବାଡ଼ନି, ରସନା ପତ୍ର, ଦିଉନା ଲଟା, ବାତ୍ରି ପତ୍ର ଓ ଧୂପଦୀପ ଆଦି ପୂଜା ସାମଗ୍ରୀ ସାଙ୍ଗରେ ଧରି ନିଜ ନିଜ ଧାନ ଜମିରେ ଯାଇ ପୂଜାର୍ଚ୍ଚନା କରିଥାନ୍ତି। ପରେ ନିଜ ନିଜ ଘରେ ବିଭିନ୍ନ ପ୍ରକାର ପିଠାପଣା ଓ ଆମିଷ ରନ୍ଧାଯାଇ ପରିବାର ଓ ବନ୍ଧୁବାନ୍ଧବଙ୍କ ସହ ସମସ୍ତେ ମିଶି ଖାଇଥାନ୍ତି । ଚାଷୀଙ୍କ କହିବା ପ୍ରକାରେ ଏହି ଦିନ ମାଟି ଦେବତାଙ୍କୁ ପୂଜାକଲେ ଜମିରେ ଭଲ ଫସଲ ଅମଳ ହେବା ସହିତ ଚାଷକୁ ରୋଗପୋକରୁ ମଧ୍ୟ ସୁରକ୍ଷା ମିଳେ। ଏହି ପର୍ବକୁ ସମସ୍ତ ଆଦିବାସୀ ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି ।

## ସଂକ୍ଷେପରେ

### ଶିଷ୍ଟ କରଣ ସଂଘ ସଭାନେତ୍ରୀଙ୍କ ବିୟୋଗରେ ଶୋକସଭା

**ନବରଙ୍ଗପୁର,୪।୮ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା ଶିଷ୍ଟ କରଣ ସଂଘ ସଭାନେତ୍ରୀ ପ୍ରମିଳା ପଟ୍ଟନାୟକଙ୍କ ବିୟୋଗରେ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ କେଉଟ ସାହି ସ୍ଥିତ କୁଞ୍ଜ ବିହାରୀ ପାଠାଗାରର ବୈଠକ ଗୃହରେ ସଂଘର ଉପ ସଭାପତି କିଶୋର ପଟ୍ଟନାୟକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଦିବଂଗତ ପ୍ରମିଳା ପଟ୍ଟନାୟକଙ୍କ ସଂଘ ପ୍ରତି ଥିବା ଅବଦାନ ସମ୍ପର୍କରେ ସଦସ୍ୟମାନେ ସ୍ମୃତି ଚାରଣ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ମହେଶ୍ୱର ପଟ୍ଟନାୟକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପଦେଷ୍ଟା ଅରବିନ୍ଦ ପଟ୍ଟନାୟକ, ରାମମୂର୍ତ୍ତି ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସତୀଶ ପଟ୍ଟନାୟକ, କୋଷାଧ୍ୟକ୍ଷ ଚନ୍ଦ୍ରଶେଖର ପଟ୍ଟନାୟକ, ପ୍ରସନ୍ନ ପଟ୍ଟନାୟକ, ରାଜ କିଶୋର ପଟ୍ଟନାୟକ, ବାବୁଲା ପଟ୍ଟନାୟକ, ଅବନୀ ପଟ୍ଟନାୟକ, କୃଷ୍ଣ ପଟ୍ଟନାୟକ, ଅଶୋକ ପଟ୍ଟନାୟକ, ରମେଶ ପଟ୍ଟନାୟକ, ରାମ କ୍ରିଷ୍ଣା ପଟ୍ଟନାୟକ, ଦାନ୍ତେଶ୍ୱର ଦାସ, କୃଷ୍ଣ ମୋହନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ।

### ବସ୍ ଧକ୍କାରେ ଜଣେ ମୃତ

**ମାଲକାନଗିରି, ୪।୮ (ଦୁର୍ଯ୍ୟୋଧନ ପାତ୍ର)**

ମାଥିଲିରୁ ମାଲକାନଗିରି ମହାବାହୁ ବସ୍ (ନଂ. ଓଡି ୧୦ଟି ୪୭୨୭) ରବିବାର ଯାଉଥିବା ବେଳେ ମାଥିଲିରେ ଏକ କୋରିଅରରେ କାର୍ଯ୍ୟରତ ଜଣେ ଯୁବକଙ୍କୁ ଧକ୍କା ଦେବା ଫଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ମାଥିଲି ବ୍ଲକ ସାରଙ୍ଗପାଲି ଗ୍ରାମର ଶିବ ବାରିକ। ପାଙ୍ଗମ ଅଞ୍ଚଳରୁ ଶିବ କାମସାରି ମାଥିଲି ଫେରୁଥିବା ବେଳେ ଗୋଟିଏ ଟ୍ରକ୍‌କୁ ଅତିକ୍ରମ କରିବା ପରେ ବସ୍ ସହିତ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ନିକଟସ୍ଥ ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାରୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଯୁବପିଢ଼ିଙ୍କ ଦକ୍ଷତା ନିଜର ପରିଚୟ ହେବା ଦରକାର : ଜିଲାପାଳ



ଜିଲାପାଳ ଓ ଅନ୍ୟ ଅଧିକାରୀ କୌଶଳ ରଥକୁ ସ୍ୱାଗତ କରୁଛନ୍ତି।

**ନବରଙ୍ଗପୁର, ୪।୮ (ସଦାଶିବ ପ୍ରହରାଜ)**

ଛାତ୍ରୀଛାତ୍ରଙ୍କ କୌଶଳଭିତ୍ତିକ ଶିକ୍ଷାରେ ଆଗ୍ରହ ବଢ଼ାଇବା ନିମନ୍ତେ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ତରଫରୁ ବୁଲୁଥିବା କୌଶଳ ରଥ ରବିବାର ନବରଙ୍ଗପୁର ଜିଲାରେ ପହଞ୍ଚିଛି। ପ୍ରଥମେ ଅଗ୍ନିପୁରସ୍ଥିତ ପଲିଟେକନିକ ମହାବିଦ୍ୟାଳୟରେ ରଥ ପହଞ୍ଚିବା ପରେ ଜିଲା ପ୍ରଶାସନ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଉପଲକ୍ଷେ ଜିଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ତରଫରୁ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ଡ. କମଳ ଲୋଚନ ମିଶ୍ର ଯୋଗଦେଇଥିଲେ। ଯୁବତୀ ଯୁବକଙ୍କ ଦକ୍ଷତା ନିଜର ପରିଚୟ ହେବା ଦରକାର। ବର୍ତ୍ତମାନର ବିକଶିତ ଭାରତରେ ଜ୍ଞାନ ସହିତ ନିଜର ଦକ୍ଷତାକୁ ପ୍ରତ୍ୟେକ ଯୁବତୀ ଯୁବକ ସବୁସ୍ତରରେ ପ୍ରତିପାଦିତ କରିବାର ସମୟ ଆସିଛି । କୌଶଳ ଭିତ୍ତିକ ଶିକ୍ଷା ଯୁବପିଢ଼ିଙ୍କୁ ଆତ୍ମନିର୍ଭରଶୀଳ କରିପାରିବ ବୋଲି ଜିଲାପାଳ ମିଶ୍ର ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ ନିଜ ବକ୍ତବ୍ୟରେ କହିଥିଲେ, ପ୍ରତିଯୋଗିତାମୂଳକ ଦୁନିଆରେ ଛାତ୍ରୀଛାତ୍ର କୌଶଳଭିତ୍ତିକ ଶିକ୍ଷାରେ ଆଗ୍ରହ ବଢ଼ାଇ ନିଜର ଦକ୍ଷତାକୁ ସମାଜରେ ପ୍ରତିପାଦନ କରିବା ପାଇଁ ଆହ୍ୱାନ ଦେଇଥିଲେ ।

କୌଶଳ ରଥ ସମଗ୍ର ଜିଲାରେ ୪ ଦିନ ଧରି ବୁଲିବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନ ପରିକ୍ରମା କରି କୌଶଳଭିତ୍ତିକ ଶିକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବ ବୋଲି ବୈଠକରେ ଜିଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଆନନ୍ଦ ଚନ୍ଦ୍ର ପଲାଇ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ନବରଙ୍ଗପୁର ବିଡିଓ ସୁନୀଲ କୁମାର ଖୁରା, ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ରେଶମଲାଲ ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲା ସହାୟକ ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ଆକ୍ସନ ଏଡ୍‌ର ଜିଲା ପରାମର୍ଶଦାତା ଫକିର ଚରଣ ରାଉତ, ପଲିଟେକନିକ ମହାବିଦ୍ୟାଳୟର ଅଧ୍ୟାପକ ଅସିତ ରଞ୍ଜନ ଆଚାର୍ଯ୍ୟ, ବୈଜୟନ୍ତ ରାୟ, ସରୋଜ ସାହୁ, ପ୍ରବୋଧ କୁମାର ଶତପଥୀ, ଚନ୍ଦ୍ରମଣି ମହାପାତ୍ର, ପ୍ରତ୍ୟୁଷ କୁମାର ପଣ୍ଡା ଓ ସୁବ୍ରତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଅଧ୍ୟାପିକା ରଶ୍ମିତା କଳସୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜିଲା ଦକ୍ଷତା ବିକାଶ ଓ ନିଯୋଜନ ସହ ଅଧିକାରୀ ଶୁଭମ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଞ୍ଜେଇ ଜବତ ମାମଲା: ୫ ଗିରଫ

**ଜୟପୁର, ୪।୮ (ପବନ ପାଣିଗ୍ରାହୀ)**

କାର ସହ ଗଞ୍ଜେଇ ଜବତ ମାମଲାରେ ଜୟପୁର ସଦର ପୋଲିସ ୫ ଜଣ ଯୁବକଙ୍କୁ ଗିରଫ କରିଛି । ସେମାନେ ହେଲେ ଉମୁରି ଗ୍ରାମର ସୁନ୍ଦରଲାଲ ନାଗ ଏଲିୟସ ନେପାଳ, କୋଟପାଡର ଗଣେଷ ଜାନି, ଛବି ନାୟକ, ବିନୋଦ ହରିଜନ, କୋଟପାଡ ଥାନା ଅନ୍ତର୍ଗତ ଶଙ୍କରଡା ଗ୍ରାମର ଆନନ୍ଦ ସୁତା। ସଦର ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଗତ ୧୬।୪।୨୪ରେ ଉମୁରି ନିକଟରେ କାର ଯାଞ୍ଚ କରିବାକୁ ଉଦ୍ୟମ ସମୟରେ ପୋଲିସକୁ ଦେଖି ଉପରୋକ୍ତ ଚାଲାଣକାରୀ କାରକୁ ଛାଡି ଫେରାର ହୋଇଯାଇଥିଲେ। ସେତେବେଳେ ଯାଞ୍ଚ କରିବାରୁ କାରରୁ ୬୦ କେଜି ଗଞ୍ଜେଇ ଜବତ ହୋଇଥିଲା। ଏନେଇ ସଦର ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

## ନାବାଳିକାଙ୍କୁ ଅପହରଣ, ବଳାତ୍କାର ଅଭିଯୋଗ, ଯୁବକ ଗିରଫ

**ଜୟପୁର, ୪।୮ (ପବନ ପାଣିଗ୍ରାହୀ)**

ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର କରାଯାଇଥିବା ନେଇ ରୁଜୁ ମାମଲାରେ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ରବିବାର ଜୟପୁର ଟାଉନଥାନା ପୋଲିସ ଗିରଫ କରିଛି। ସେ ହେଲେ ନୁଆସାହି ପାର୍କ ଲାଇନର ସାଇ ସାହୁ (୨୩ )। ଗତ ୨୮ରେ ନାବାଳିକା ଜଣକ ନିଖୋଜ ଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।ଏହାକୁ ଭିତ୍ତିକରି ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ସାଇଲୁର, କମଳାପଦର ବିଦ୍ୟାଳୟକୁ ନିୟମିତ ଆସୁନାହାନ୍ତି ଶିକ୍ଷକ

**ମାଲକାନଗିରି, ୪।୮ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା କାଲିମେଳା ବ୍ଲକ ସାଇଲୁର ଓ କମଳାପଦର ବିଦ୍ୟାଳୟକୁ ନିୟମିତ ଶିକ୍ଷକ ଆସୁ ନ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢାରେ ଅସୁବିଧା ହେଉଛି। ମାନ୍ୟମକୋଣ୍ଡା ପଞ୍ଚାୟତ ସାଇଲୁର ପ୍ରାଥମିକ ବିଦ୍ୟାଳୟ ଏବଂ ତେଲେରାଇ ପଞ୍ଚାୟତ ଅଧୀନରେ ଥିବା କମଳାପଦର ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ଅଧିକାଂଶ ସମୟ ସ୍କୁଲରେ ଅନୁପସ୍ଥିତ ରହୁଥିବା ଜଣାପଡିଛି। ସାଇଲୁର ପ୍ରାଥମିକ ବିଦ୍ୟାଳୟରେ ୨ ଜଣ ଶିକ୍ଷକ ଅଛନ୍ତି। ସେମାନଙ୍କ ମଧ୍ୟରୁ ସହକାରୀ ଶିକ୍ଷକ ଦେବବ୍ରତ ମଣ୍ଡଳ ପ୍ରାୟ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିବା ନେଇ ଅଭିଯୋଗ ହେଉଛି। ସେ ୩ ଦିନ ହେଲା ଅନୁପସ୍ଥିତ ରହିଛନ୍ତି। ଫଳରେ ପିଲାଙ୍କ ପାଠପଢାରେ ବାଧା ଉପୁଜୁଛି। ଏନେଇ ପ୍ରଧାନ ଶିକ୍ଷକ ଏ. ଶ୍ରୀନିବାସଙ୍କୁ ପଚାରିବାରୁ ସହକାରୀ ଶିକ୍ଷକ ମଣ୍ଡଳ ମଝିରେ ମଝିରେ ଅନୁପସ୍ଥିତ ରୁହନ୍ତି। ସେ ଛୁଟି ପାଇଁ ମୋତେ କୌଣସି ଦରଖାସ୍ତ ଦେଇନାହାନ୍ତି। ସେହିପରି ତେଲେରାଇ ପଞ୍ଚାୟତ ଅନ୍ତର୍ଗତ କମଳାପଦର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ କୋନା ସାଲବମ ମଧ୍ୟ ଅନେକ ସମୟରେ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିବା ଅଭିଯୋଗ ହେଉଛି। ଏଠାରେ ମଧ୍ୟ ପିଲାଙ୍କ ପାଠପଢାରେ ସମସ୍ୟା ଉପୁଜୁଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଧାନ ବିଶ୍ୱାସଙ୍କୁ ପଚାରିବାରୁ ଗତ ୩ ଦିନଧରି ସମ୍ପୃକ୍ତ ଶିକ୍ଷକ ସ୍କୁଲରେ ଅନୁପସ୍ଥିତ ଅଛନ୍ତି। ରହିବା ନେଇ ସେ କିଛି ସୂଚନା ଦେଇନାହାନ୍ତି ବୋଲି ବିଶ୍ୱାସ କହିଛନ୍ତି। ଏସମ୍ପର୍କରେ କାଲିମେଳା ବ୍ଲକ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଲିଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବ। ଅଭିଯୋଗର ସତ୍ୟତା ଥିଲେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।



ସାଇଲୁର ବିଦ୍ୟାଳୟ ।

# ରାଜ୍ୟ ପୁରସ୍କାରରୁ ବଞ୍ଚିତ ୩ ବର୍ଷର ଆଶାୟୀ ଶିକ୍ଷକ

**ମାଲକାନଗିରି, ୪।୮ (ଦୁର୍ଯ୍ୟୋଧନ ପାତ୍ର)**

ପ୍ରତିବର୍ଷ ସେପ୍ଟେମ୍ବର ୫ ଗୁରୁ ଦିବସ ପାଳନ ଅବସରରେ ରାଜ୍ୟପାଳ ପୁରସ୍କାର ନାମରେ ରାଜ୍ୟର କୃତୀ ଶିକ୍ଷୟିତ୍ରୀ ଶିକ୍ଷକ ରାଜ୍ୟସ୍ତରରେ ପୁରସ୍କୃତ ହୋଇ ଆସୁଥିଲେ। କିନ୍ତୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଙ୍କ ପତ୍ର ସଂଖ୍ୟା ୬୭୨୬, ଏପ୍ରିଲ ୨୦୨୨ରେ ରାଜ୍ୟପାଳ ପୁରସ୍କାର ନିୟମାବଳୀକୁ ପରିବର୍ତ୍ତନ କରି ରାଜ୍ୟ ପୁରସ୍କାର ନାମରେ ଶିକ୍ଷକଙ୍କୁ ପ୍ରତିବର୍ଷ ସମ୍ମାନିତ ପାଇଁ ନୂତନ ମାର୍ଗଦର୍ଶିକା ଜାରି କରାଯାଇଥିଲା। କରୋନା ତଥା ଅନ୍ୟାନ୍ୟ କାରଣରୁ ୨୦୧୯–୨୦ ରୁ ୨୦୨୧–୨୨ ପର୍ଯ୍ୟନ୍ତ ୩ ବର୍ଷ ଧରି ବନ୍ଦ ଥିବା ରାଜ୍ୟସ୍ତରୀୟ ଶିକ୍ଷକ ପୁରସ୍କାରକୁ ନୂତନ ମାର୍ଗଦର୍ଶିକା ଅନୁଯାୟୀ ଦେବାକୁ ସରକାରୀସ୍ତରରେ ବିଜ୍ଞପ୍ତି ପ୍ରକାଶ ପାଇ ୩ ବର୍ଷର ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଏଥିରେ ପ୍ରାଥମିକ ବିଦ୍ୟାଳୟ, ମାଧ୍ୟମିକ ବିଦ୍ୟାଳୟ, ସଂସ୍କୃତ ଟୋଲ, ମଦ୍ରାସା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଶିକ୍ଷକ–ପ୍ରଶିକ୍ଷଣ ପ୍ରତିଷ୍ଠାନ ଓ କଲେଜ ଆଦି ବିଭିନ୍ନ ବର୍ଗର ଶିକ୍ଷାନୁଷ୍ଠାନର ମୋଟ ୬୮ ଯୋଗ୍ୟ ଶିକ୍ଷକଙ୍କୁ ପ୍ରତିବର୍ଷ ପୁରସ୍କୃତ କରିବା ନିମନ୍ତେ ବ୍ୟବସ୍ଥା ରଖାଯାଇଥିଲା। ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଶିକ୍ଷକମାନେ ଅଫ୍‌ଲାଇନ୍‌ରେ ଆବେଦନ କରିଥିଲେ। ପ୍ରତ୍ୟେକ ଜିଲାର ଜିଲାସ୍ତରୀୟ କମିଟି ଦରଖାସ୍ତଗୁଡିକୁ ଯାଞ୍ଚ ଓ ମୂଲ୍ୟାଙ୍କନ କରି ରାଜ୍ୟସ୍ତରକୁ ପଠାଇ ଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ସେହି ୩ ବର୍ଷର ପୁରସ୍କାର ପାଇବାରୁ ଶିକ୍ଷକମାନେ ବଞ୍ଚିତ ହୋଇ ରହିଛନ୍ତି। ରାଜ୍ୟର ଯୋଗ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଅନ୍ୟାନ୍ୟ ରାଜ୍ୟ ଓ ଜାତୀୟସ୍ତରରେ ପ୍ରତିବର୍ଷ ଶିକ୍ଷକ ପୁରସ୍କୃତ ହୋଇ ଆସୁଥିବା ବେଳେ ସରକାରଙ୍କ ଶିକ୍ଷକମାନଙ୍କ ପ୍ରତି ଏହି ବୈମାତୃକ ମନୋଭାବ ଶିକ୍ଷକ ସମାଜକୁ ବ୍ୟଥିତ କରିଛି। ଆଗାମୀ ଗୁରୁଦିବସ ସମାରୋହରେ ୨୦୧୯–୨୦, ୨୦୨୦–୨୧ ଓ ୨୦୨୧–୨୨ ଶିକ୍ଷାବର୍ଷର ଯୋଗ୍ୟ ଶିକ୍ଷକଙ୍କୁ ପୁରସ୍କୃତ କରିବା ନିମନ୍ତେ ଦାବି ହେଉଛି।

# ରାସ୍ତାରେ ଗୋରୁ, କୁକୁର, ଯାତାୟାତରେ ସମସ୍ୟା

**ଗୋବିନ୍ଦପାଲି, ୪।୮ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲାର ପ୍ରବେଶ ଦ୍ୱାର ଗୋବିନ୍ଦପାଲି ମୁଖ୍ୟ ବଜାର ମଧ୍ୟଦେଇ ୩୨୬ ଜାତୀୟ ରାଜପଥ ଯାଇଛି। ରାସ୍ତାରେ ମାଲମାଲ ଗୋରୁ ଓ କୁକୁର ବୁଲୁଥିବାରୁ ଯାତାୟାତରେ ସମସ୍ୟା ହେଉଛି। ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି ବାଇକ୍ ଆରୋହୀ। ଯଦି କୌଣସି ୪ ଚକିଆ ଯାନ ଯାଉଥିବାବେଳେ ଗୋରୁକୁ ଆଘାତ ଲାଗେ ତେବେ ମାଲିକମାନେ ଗାଡି ଅଟକାଇ କ୍ଷତିପୂରଣ ମାଗୁଛନ୍ତି। ବର୍ତ୍ତମାନ ଖରିଫ ଫସଲ ହୋଇଥିବାରୁ ଜମିଗୁଡ଼ିକରେ ଧାନ ହୋଇଛି। ଗୋରୁଙ୍କୁ ଦିନରେ ଚରାଇବାକୁ ନ ନେଇ ଓ ରାତିରେ ଖୋଲା ଛାଡ଼ି ଦେଉଥିବାରୁ ଚାଷୀଙ୍କ ଧାନ ଫସଲ ଖାଇ ଯାଉଥିବା ଦେଖିବାକୁ ମିଳୁଛି। ଏହି ଗୋରୁ ସମସ୍ୟା ପାଇଁ ଆମର ଚାଷ ନଷ୍ଟ ହେଲା ଓ ଆମେ କ୍ଷତି ସହିଲୁ, ତେଣୁ ଆମେ ଚାଷ ଛାଡ଼ିବାକୁ ବାଧ ହେଲୁ ବୋଲି କେତେକ ଗରିବ କ୍ଷୁଦ୍ରଚାଷୀ କହିଛନ୍ତି। ଏହାର ନିରାକରଣ ବ୍ୟବସ୍ଥା ଗୋବିନ୍ଦପାଲି ପଞ୍ଚାୟତ କର୍ତ୍ତୃପକ୍ଷ ବା ରାଜପଥ ବିଭାଗ କରିବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

# ଜିଲା ଡିଡାଇ ସମାଜ ବୈଠକ

**କୋରୁକୋଣ୍ଡା,୪।୮ (ଶିବଦତ୍ତ ସାହୁ)**

ମାଲକାନଗିରି ଜିଲା ଡିଡାଇ ସମାଜ ପକ୍ଷରୁ ଏକ ବୈଠକ କୋରୁକୋଣ୍ଡା ବ୍ଲକ ସଦର ଗ୍ରାମ ପଞ୍ଚାୟତ ଗୃହରେ ରବିବାର ଅନୁଷ୍ଠିତ ହୋଇଥିଲା । ଜିଲା ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ସମାଜର ବିଭିନ୍ନ ବିଷୟନେଇ ଆଲୋଚନା ହୋଇଥିଲା। ଯେପରିକି ପ୍ରତେକ ହରାମରେ ଥିବା ଡିଡାଇ କର୍ମଚାରୀଙ୍କର ଏକ ତାଲିକା ପ୍ରସ୍ତୁତ କରିବା, ଜିଲା ଡିଡାଇ କର୍ମଚାରୀ ସଂଘ ଗଠନ, କର୍ମଚାରୀଙ୍କ ସଶକ୍ତୀକରଣ, ପ୍ରତେକ ସରକାରୀ କର୍ମଚାରୀଙ୍କ ଡିଡାଇ ସମାଜ ପ୍ରତି ଆଗ୍ରହ, ପ୍ରତେକ ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ ଉପରେ ଦୃଷ୍ଟି ଦେବା ଆଦି ୭ ଟି ବିଷୟ ଉପରେ ଆଲୋଚନା ହୋଇଥିଲା। ଆଗାମୀ ବୈଠକ ନିମନ୍ତେ ଆବାହକ ଭାବେ ରାମଚନ୍ଦ୍ର ମୁଦୁଲିଙ୍କ ନାମ ଘୋଷଣା କରାଯାଇଥିଲା। ବୈଠକରେ ଜିଲା ସଭାପତି ମୁଦୁଲି ଡିଡାଇମାନଙ୍କର ସାମାଜିକ ସ୍ଥିତି ଏବଂ ଉନ୍ନତୀକରଣ ଉପରେ ସଂକ୍ଷିପ୍ତ ଧାରଣା ଦେଇଥିଲେ। ଏହାପରେ ଲକ୍ଷ୍ମୀ ଧର ମାଝି ଡିଡାଇ ଜନଜାତିଙ୍କର ବଞ୍ଚିବା ଶୈଳୀ ଏବଂ ଶିକ୍ଷା ରୋଜଗାର ଉପରେ ଆଲୋକପାତ କରିଥିବାବେଳେ ମହିଳା ସଶକ୍ତୀକରଣ ଉପରେ ପାର୍ବତୀ ମାଢି ଆଲୋକପାତ କରିଥିଲେ। ବୈଠକକୁ ରାମଚନ୍ଦ୍ର ଗୁଡିଆ ଓ ରାମଚନ୍ଦ୍ର ମୁଦୁଲି ପରିଚାଳନା କରିଥିବା ବେଳେ ଡିଡାଇ ସମାଜ ବରିଷ୍ଠ ବ୍ୟକ୍ତି ଲାଚା ମୁଦୁଲି ଉପସ୍ଥିତ ରହି ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି ।

# ପଞ୍ଚାୟତ ପିଅନ ସଂଘ ଜିଲାସ୍ତରୀୟ ବୈଠକ

**ମାଲକାନଗିରି,୪।୮ (ଦୁର୍ଯ୍ୟୋଧନ ପାତ୍ର)**

ଓଡ଼ିଶା ଗ୍ରାମପଞ୍ଚାୟତ କର୍ମଚାରୀ ପିଅନ ସଂଘ ଆହ୍ୱାନ କ୍ରମେ ମାଲକାନଗିରି ଜିଲାସ୍ତରୀୟ ବୈଠକ ସିନ୍ଧ୍ରିମାଳ ସଦର ପଞ୍ଚାୟତ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଡମ୍ବରୁଧର ଭୂମିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉପସଭାପତି ଲକ୍ଷ୍ମଣ ନାୟକ, ସମ୍ପାଦକ ଚନ୍ଦ୍ର ପାଙ୍ଗି, ସହସମ୍ପାଦକ ପର୍ଶୁରାମ ନେଲୁରୁ, କୋଷାଧ୍ୟକ୍ଷ ତୁଳାରାମ ମାଲଟ ଓ ଜିଲା ସଂଯୋଜକ ଲକ୍ଷ୍ମଣ ହନ୍ତାଳ ମଞ୍ଚାସୀନ ଥିଲେ। ବୈଠକରେ ପିଅନମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା।

ସମସ୍ୟାଗୁଡିକୁ ସରକାରଙ୍କ ନିକଟରେ ଉପସ୍ଥାପନ କରିବା ନିମନ୍ତେ ଦାବି କରିଥିଲେ। ଦାବିଗୁଡିକ ମଧ୍ୟରୁ ସମାନ କାମକୁ ସମାନ ଦରମା, ସ୍ଥାୟୀ ନିଯୁକ୍ତି ଓ ନିୟମିତ ଦରମା, ୧୯୬୪ ନିୟମ ୧୨୩ ଓ ୨୦୧୪ ନିୟମ ୧୨୫କୁ ସଂଶୋଧନ କରାଯିବା, ରାଜ୍ୟ ବଜେଟରେ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ପାଣ୍ଠି କରିବା, ପଞ୍ଚାୟତିରାଜ ବିଧି ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ସହିତ ଇ–ଗଭର୍ନାନ୍ସ ପୋର୍ଟାଲ ମାଧ୍ୟମରେ ପି.ଆର୍. ବିଭାଗର କର୍ମଚାରୀଙ୍କ ନାମ ତାଲିକାକୁ ପଞ୍ଜୀକରଣ କରିବା, ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ପଦୋନ୍ନତି କରିବା, ଗ୍ରାମ ନିୟୋଜନ ବିଭାଗରେ ଘୋଷଣା କରାଯାଇଥିବା ଦୈନିକ ମଜୁରି ୪୫୨ ଟଙ୍କାକୁ କାମ ହେଉ ନ ଥିବା ପାରିଶ୍ରମିକ ପି.ଆର୍. ବିଭାଗରୁ ଏକ ଷ୍ଟାଣ୍ଡିଂ ଅର୍ଡର୍ ପ୍ରତ୍ୟେକ ପଞ୍ଚାୟତକୁ ପଠାଇବା, ଚାକିରି କ୍ଷେତ୍ରରେ ସୁରକ୍ଷା ପ୍ରଦାନ ସହ ବିଗତ ଦିନରେ ଯେଉଁଭଳି ଭାବେ ପଞ୍ଚାୟତ ସମ୍ପାଦକଙ୍କୁ ସରକାର ଏକ ଉଚ୍ଚସ୍ତରୀୟ କ୍ଷମତା କମିଟି ଓ ଅତିରିକ୍ତ ଶାସନ ସଚିବଙ୍କୁ ନେଇ ସରକାରୀ ଅନୁଦାନ ଯୋଗାଇଦେବା ଆଦି ଦାବି ରହିଛି।


ସଂଘ ଜିଲା ସ୍ତରୀୟ ବୈଠକରେ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି ।

